# ପ୍ରେସ୍ ନୋଟ୍ ।

## ଆଜି ଅନୁଗୋଳ ଜିଲ୍ଲାରୁ ୧୨୧ ଜଣ କରୋନା ପଜିଟିଭ ଚିହ୍ନଟ ।

### ପଜିଟିଭ ସଂଖ୍ୟା ୩୯୮୦୧ ରେ ପହଞ୍ଚିଲା - ସୁସ୍ଥ ହେଲେ ୨୭୯ଜଣ ।

ଅନୁଗୋଳ, ତା.୨୧.୦୬:- ଆଜି ଅନୁଗୋଳ ଜିଲ୍ଲାରେ ୧୨୧ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ତାଳଚେର ବ୍ଲକ୍ ଅଂଚଳରୁ ୨୧ଜଣ ( ୧୧ଜଣ ପୁରୁଷ ଓ ୧୦ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୨୧ଜଣ ( ୧୫ଜଣ ପୁରୁଷ ଓ ୬ଜଣ ମହିଳା), ବଣ୍ଟରପାଳ ବ୍ଲକ୍ ଅଂଚଳରୁ ୧୯ଜଣ ( ୧୦ଜଣ ପୁରୁଷ ଓ ୯ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୧୫ଜଣ ( ୯ଜଣ ପୁରୁଷ ଓ ୬ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୧୨ଜଣ ( ୭ଜଣ ପୁରୁଷ ଓ ୫ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୧ଜଣ ( ୬ଜଣ ପୁରୁଷ ଓ ୫ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୭ଜଣ (୫ ଜଣ ପୁରୁଷ ଓ ୨ଜଣ ମହିଳା), ତାଳଚେର ପୌରାଞ୍ଚଳରୁ ୫ଜଣ ( ୪ଜଣ ପୁରୁଷ ଓ ୧ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୪ଜଣ ( ୩ଜଣ ପୁରୁଷ ଓ ୧ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୪ଜଣ ( ୪ଜଣ ପୁରୁଷ ) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୨ଜଣ ( ୨ଜଣ ପୁରୁଷ ) ଅଛନ୍ତି । ଚିହ୍ନଟ ହୋଇଥିବା ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୫୦ ଜଣଙ୍କୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୨୭୯ଜଣ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୬୦ଜଣ ମୃତ୍ୟୁବରଣ କଲେଣି ଏବଂ ଆଜି ସୁଦ୍ଧା ୨ ଲକ୍ଷ ୨୮ ହଜାର ୪୧୦ ଜଣଙ୍କୁ ଟିକା ଦିଆଗଲାଣି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୩୬୮ ତା.୨୧.୦୬.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

(signature) ୨୧/୬/୨୦୨୧

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ